# NATIONAL NEWS BULLETIN (ODIA)

**15 October - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ଲଦାଖରେ ପ୍ରାୟ ୩ହଜାର ୫୦୦ କୋଟି ଟଙ୍କା ମୂଲ୍ୟର ୫ଟି ବୃହତ୍ ବିକାଶମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କଲେ ପ୍ରଧାନମନ୍ତ୍ରୀ ।

- ନକ୍ସଲଦ୍ୱାରା ପ୍ରଭାବିତ ଛତିଶଗଡର ଆଦିବାସୀ ଲୋକଙ୍କୁ ସରକାର ସମସ୍ତ ପ୍ରକାର ସହାୟତା ପ୍ରଦାନ କରୁଛନ୍ତି - କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ ।

- ବର୍ତ୍ତମାନ ପାଇଁ ସ୍ଥଗିତ ରହିଲା ୟୁପିଆଇ କାରବାର କ୍ଷେତ୍ରରେ ଏମ୍‌ଡିଆର୍ ଲାଗୁ ବ୍ୟବସ୍ଥା ।

- ବିଶ୍ୱର ପ୍ରାୟ ୧୦୦ଟି ଦେଶକୁ ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦ ରପ୍ତାନୀ କରୁଛି ଭାରତ ।

ଏବଂ

- ଭାରତ-କାନାଡା ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ଅଗ୍ରସର ହୋଇଛି - କହିଲେ କାନାଡାର ଆନ୍ତର୍ଜାତିକ ବାଣିଜ୍ୟ ମନ୍ତ୍ରୀ ।

# ପି.ଏମ୍. - ଲଦାଖ୍ ପ୍ରୋଜେକ୍ଟ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଲଦାଖରେ ପ୍ରାୟ ୩ ହଜାର ୩୫୦ କୋଟି ଟଙ୍କା ମୂଲ୍ୟର ୫ଟି ବୃହତ୍ ବିକାଶ ମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ଯୋଗାଯୋଗ, ଶକ୍ତି ଭିତ୍ତିଭୂମିର ଉନ୍ନତି, ସାଂସ୍କୃତିକ ଐତିହ୍ୟର ସୁରକ୍ଷା ଏବଂ ଜଳ ସୁରକ୍ଷା ବୃଦ୍ଧି ଆଦି ଅନ୍ତର୍ଭୁକ୍ତ । ଆଭାସୀ ମାଧ୍ୟମରେ ସମାବେଶକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଦେଶର ବିଭିନ୍ନ କ୍ଷେତ୍ରରେ ଗ୍ରହଣ କରାଯାଉଥିବା ପରିବର୍ତ୍ତନମୂଳକ ସଂସ୍କାର ଉପରେ ଆଲୋକପାତ କରିଛନ୍ତି ।

**V/O (PM)**

ଏହି ଅବସରରେ ଶ୍ରୀ ମୋଦୀ ଲେହସ୍ଥିତ କୁଶୋକ ବକୁଳା ରେମ୍ପୋଚେ ବିମାନ ବନ୍ଦରରେ ୬୪୦କୋଟି ଟଙ୍କା ବ୍ୟୟରେ ନବନିର୍ମିତ ଯାତ୍ରୀ ଟର୍ମିନାଲ କୋଠାକୁ ଉଦ୍‌ଘାଟନ କରିଛନ୍ତି । ସୀମା ସୁରକ୍ଷା ସଂଗଠନ ଦ୍ୱାରା ନିର୍ମିତ ୨୯୮ କିଲୋମିଟର ଦୀର୍ଘ ନିମ୍ମୁ-ପାଦୁମ-ଦାର୍ଚ୍ଚା ସଡ଼କ ପଥକୁ ଜାତି ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛନ୍ତି । ୯ ମେଗାୱାଟ୍ କ୍ଷମତା ବିଶିଷ୍ଟ ହାନୁ କ୍ଷୁଦ୍ର ଜଳବିଦ୍ୟୁତ୍ ପ୍ରକଳ୍ପ ସହ ଅନ୍ୟାନ୍ୟ କେତେକ ପ୍ରକଳ୍ପର ଶ୍ରୀ ମୋଦୀ ଉଦ୍‌ଘାଟନ କରିଛନ୍ତି । ଲେହସ୍ଥିତ ସିନ୍ଦୁଘାଟଠାରେ ଦେଶର ପ୍ରଥମ ପ୍ରାଚୀନ ଶିଳାଲିପି ସୁରକ୍ଷା ପାର୍କ ମଧ୍ୟ ଶ୍ରୀ ମୋଦୀ ଉଦ୍‌ଘାଟନ କରିଛନ୍ତି ।

# ଶାହା ଟ୍ରାଇବାଲ ଆସିଷ୍ଟାନ୍ସ

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି ନକ୍ସଲଦ୍ୱାରା ପ୍ରଭାବିତ ଛତିଶଗଡର ଆଦିବାସୀ ଲୋକଙ୍କୁ ସରକାର ସମସ୍ତପ୍ରକାର ସହାୟତା ପ୍ରଦାନ କରୁଛନ୍ତି । ସେଥିମଧ୍ୟରେ କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ଏବଂ ଅନ୍ୟାନ୍ୟ ସୁବିଧା ସୁଯୋଗ ଅନ୍ତର୍ଭୁକ୍ତ । ଛତିଶଗଡରେ ଦିବ୍ୟାଙ୍ଗଜନଙ୍କୁ ସହାୟକ ଉପକରଣ ବଣ୍ଟନ ସମାରୋହକୁ ଆଭାସୀ ମାଧ୍ୟମରେ ସମ୍ବୋଧନ କରି ଶ୍ରୀ ଶାହା କହିଛନ୍ତି, ନକ୍ସଲ ଦ୍ୱାରା କ୍ଷତିଗ୍ରସ୍ତ ଲୋକଙ୍କ ଉନ୍ନତ ଜୀବନଯାପନ ପାଇଁ ସରକାର ଅଙ୍ଗୀକାରବଦ୍ଧ । ସେବାସଂକଳ୍ପ ଅଭିଯାନର ଅଂଶସ୍ୱରୂପ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ବୋଲି ସେ କହିଛନ୍ତି । ସେ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଗତ ମାର୍ଚ୍ଚ ୩୧ ସୁଦ୍ଧା ଦେଶରୁ ନକ୍ସଲବାଦ ମୂଳୋତ୍ପାଟନ କରିବା ନେଇ ଗ୍ରହଣ କରିଥିବା ସଂକଳ୍ପ ପୂରଣ କରିଛନ୍ତି ।

**V/O (Amit Saha)**

ଶ୍ରୀ ଶାହା କହିଛନ୍ତି ଇତିମଧ୍ୟରେ ପ୍ରାୟ ୮ହଜାର ୫୨୬ଜଣ ନକ୍ସଲ ଆତ୍ମସମର୍ପଣ କରିଛନ୍ତି । ସେଥିମଧ୍ୟରୁ ୪୫୫ଜଣ ନିଯୁକ୍ତି ପାଇଥିବାବେଳେ ୧୨୯ଜଣଙ୍କୁ ଜମି ପଟ୍ଟା ବଣ୍ଟନ କରାଯାଇଛି । ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଅଧୀନରେ ସେମାନଙ୍କୁ ପ୍ରାୟ ୪ ହଜାରରୁ ଅଧିକ ବାସଗୃହ ଯୋଗାଇ ଦିଆଯାଇଥିବାବେଳେ ୨ହଜାର ୩୦୦ରୁ ଅଧିକ ଆଦିବାସୀଙ୍କୁ କୌଶଳ ବିକାଶ ତାଲିମ ପ୍ରଦାନ କରାଯାଇଛି ।

# ୟୁପିଆଇ-ଏମ୍‌ଡିଆର୍ ପୋଷ୍ଟପଣ୍ଡ

ଉପଭୋକ୍ତାରୁ ବ୍ୟବସାୟୀ ୟୁପାଇ କାରବାର ଉପରେ ଆଜିଠାରୁ ଲାଗୁ ହେବାକୁ ଥିବା ବାଣିଜ୍ୟ ରିହାତି ଶୁଳ୍କ-ଏମ୍‌ଡିଆର୍ ବର୍ତ୍ତମାନ ପାଇଁ ସ୍ଥଗିତ ରଖାଯାଇଛି । ଭାରତୀୟ ଜାତୀୟ ଆର୍ଥିକ କାରବାର ନିଗମ-ଏନ୍‌ପିସିଆଇ ଏ ସମ୍ପର୍କରେ ସୂଚନା ପ୍ରଦାନ କରି କହିଛି ଦୀପାବଳି ପରେ ଏମ୍‌ଡିଆର୍‌ର କାର୍ଯ୍ୟକାରୀତା ହୋଇପାରେ । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ନିଗମ କହିଛି ୟୁପିଆଇ ଏବଂ ସେବା ପରିଚାଳନା କମିଟି ଏହି ନିଷ୍ପତ୍ତି ଗ୍ରହଣ କରିଛି । ପାର୍ବଣ ଋତୁକୁ ଦୃଷ୍ଟିରେ ରଖି ଦୀପାବଳି ପରେ କେତେକ ନିର୍ଦ୍ଦିଷ୍ଟ କ୍ଷେତ୍ରରେ ଏମ୍‌ଡିଆର୍ ଲାଗୁ କରାଯିବା ନେଇ ନିଷ୍ପତ୍ତି ଗ୍ରହଣ କରାଯିବ । ତେବେ ଏହା କାର୍ଯ୍ୟକାରୀ ହେବାକୁ ଥିବା ଦିବସ ସମ୍ପର୍କରେ ପରେ ଘୋଷଣା କରାଯିବ । ବ୍ୟକ୍ତିଗତ ସ୍ତରୀୟ ୟୁପିଆଇ କାରବାର ସମ୍ପୂର୍ଣ୍ଣ ନିଃଶୁଳ୍କ ରହିଥିବାବେଳେ ୨ହଜାର ଟଙ୍କାରୁ ଅଧିକ ବ୍ୟକ୍ତିରୁ ବ୍ୟବସାୟୀ କ୍ଷେତ୍ରରେ ୟୁପିଆଇ କାରବାର ପାଇଁ ଏମ୍‌ଡିଆର୍ ଲାଗୁ ହେବ ବୋଲି ନିଗମ କହିଛି । ତେବେ ଏଭଳି ନିଷ୍ପତ୍ତି ଦ୍ୱାରା ୯୬ ପ୍ରତିଶତ ବ୍ୟକ୍ତିରୁ ବ୍ୟବସାୟୀ କାରବାର ପ୍ରଭାବିତ ହେବ ନାହିଁ ବୋଲି ନିଗମ ସ୍ପଷ୍ଟ କରିଛି ।

# ରାଜନାଥ ଡିଫେନ୍ସ କନ୍‌କ୍ଲେଭ

ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ କହିଛନ୍ତି ବିଶ୍ୱର ପ୍ରାୟ ୧୦୦ଟି ଦେଶକୁ ଭାରତ' ସ୍ୱଦେଶୀ ପ୍ରତିରକ୍ଷା ଉତ୍ପାଦ ରପ୍ତାନୀ କରୁଛି । ଗତ ଆର୍ଥିକ ବର୍ଷରେ ଦେଶର ପ୍ରତିରକ୍ଷା ରପ୍ତାନୀ ୩୮ହଜାର କୋଟି ଟଙ୍କାରୁ ଅଧିକ ହୋଇଛି । ନୂଆଦିଲ୍ଲୀରେ ଟାଇମ୍ସ ନାଓ ପ୍ରତିରକ୍ଷା ସମ୍ମିଳନୀ ୨୦୨୬କୁ ସମ୍ବୋଧନ କରି ଶ୍ରୀ ସିଂହ କହିଛନ୍ତି ଭାରତ ଅସ୍ତ୍ରଶସ୍ତ୍ର କ୍ଷେତ୍ରରେ ୯୦ ପ୍ରତିଶତରୁ ଅଧିକ ଆତ୍ମନିର୍ଭରତା ହାସଲ କରିପାରିଛି । ଭାରତୀୟ ସେନା ବ୍ୟବହାର କରୁଥିବା ୧୭୫ ପ୍ରକାର ଗୋଳାବାରୁଦ ମଧ୍ୟରୁ ୧୫୯ଟି ସ୍ୱଦେଶୀ ପ୍ରସ୍ତୁତ ବୋଲି ଶ୍ରୀ ସିଂହ କହିଛନ୍ତି । ଶ୍ରୀ ସିଂହ କହିଛନ୍ତି ଗତ ସାଢ଼େ ୧୨ ବର୍ଷ ମଧ୍ୟରେ ପ୍ରତିରକ୍ଷା କ୍ଷେତ୍ର ଅଧିକ ବ୍ୟାପକ ହେବା ସହ ଜାତୀୟ ସୁରକ୍ଷା ସୁଦୃଢ଼ ହୋଇପାରିଛି । ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ପରିବର୍ତ୍ତନ ଆସିଥିବା ସେ କହିଛନ୍ତି । ଭାରତୀୟ ସେନା ପ୍ରତ୍ୟେକ ଆହ୍ୱାନର ସମ୍ମୁଖୀନ ହେବାକୁ ସର୍ବଦା ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇ ରହିଛି ବୋଲି ପ୍ରତିରକ୍ଷାମନ୍ତ୍ରୀ କହିଛନ୍ତି ।

# ଏପିଜେ ଅବଦୁଲ କଲାମ

ପୂର୍ବତନ ରାଷ୍ଟ୍ରପତି, ଦେଶର କ୍ଷେପଣାସ୍ତ୍ର ଜନକ ତଥା ଭାରତରତ୍ନ ଡକ୍ଟର ଏପିଜେ ଅବଦୁଲ କଲାମଙ୍କ ଆଜି ୯୫ତମ ଜନ୍ମଦିବସ ପାଳନ

କରାଯାଉଛି । ୧୯୩୧ ମସିହା ଅକ୍ଟୋବର ୧୫ ତାରିଖରେ ତାମିଲନାଡୁର ରାମେଶ୍ୱରମଠାରେ ସେ ଜନ୍ମଗ୍ରହଣ କରିଥିଲେ । ଭାରତର କ୍ଷେପଣାସ୍ତ୍ର ମାନବ ଏବଂ ଜନତା ରାଷ୍ଟ୍ରପତି ଭାବେ ସେ ସମସ୍ତଙ୍କ ପାଖରେ ପରିଚିତ ଥିଲେ । ୨୦୦୨ରୁ ୨୦୦୭ ପର୍ଯ୍ୟନ୍ତ ସେ ଭାରତର ରାଷ୍ଟ୍ରପତି ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ତାଙ୍କ ସମ୍ମାନାର୍ଥେ ପ୍ରତିବର୍ଷ ଆଜିର ଦିବସକୁ ଜାତିସଂଘର ଅନୁମୋଦନ କ୍ରମେ ବିଶ୍ୱ ବିଦ୍ୟାର୍ଥୀ ଦିବସ ଭାବେ ପାଳନ କରାଯାଉଛି ।

ଏହି ଅବସରରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା' ଡକ୍ଟର କଲାମଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କୁ ଏକ ବିରଳ ପ୍ରତିଭା ଭାବେ ବର୍ଣ୍ଣନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ଭାରତର ରାଷ୍ଟ୍ରପତି ଭାବେ ଡକ୍ଟର କଲାମ ସର୍ବୋଚ୍ଚ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ବଜାୟ ରଖିଥିଲେ । ତାଙ୍କ ଚିନ୍ତାଧାରା, ଜୀବନାଦର୍ଶ ଦେଶର ଯୁବବର୍ଗଙ୍କୁ ପ୍ରେରଣା ପ୍ରଦାନ କରିଚାଲିବ ବୋଲି ଶ୍ରୀ ଶାହା କହିଛନ୍ତି ।

## ସେବା ସଂକଳ୍ପ - ବେଟୀ ବଚାଓ-ବେଟୀ ପଢ଼ାଓ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସାର୍ବଜନୀନ ଜୀବନରେ ୨୫ ବର୍ଷ ପୂରଣ କରିଛନ୍ତି। 'ଜନସେବାରୁ ଦେଶସେବା' ମନ୍ତ୍ରକୁ ଆଧାର କରି ତାଙ୍କର ଏହି ଜୟଯାତ୍ରା ଜାରି ରହିଛି। 'ସେବା ଓ ସୁଶାସନ'ର ଏହି ଦୃଷ୍ଟିକୋଣକୁ ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଗଠନର ଲକ୍ଷ୍ୟ ହାସଲ ଦିଗରେ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି। ସମାବେଶୀ ବିକାଶ

ଓ ସାମାଜିକ ସଶକ୍ତିକରଣ ମାଧ୍ୟମରେ ଏହି ପ୍ରୟାସ ଜନଜୀବନରେ ପରିବର୍ତ୍ତନ ଆଣିଛି। ଆମର ଏହି ବିଶେଷ ଶୃଙ୍ଖଳାରେ ଆଜି ଆମେ ଆପଣମାନଙ୍କୁ 'ବେଟୀ ବଚାଓ-ବେଟୀ ପଢ଼ାଓ' ସମ୍ପର୍କରେ ସୂଚନା ପ୍ରଦାନ କରୁଛୁ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨୦୧୫ ଜାନୁଆରୀ ୨୨ ତାରିଖରେ ସରକାରଙ୍କ ପ୍ରମୁଖ ଅଭିଯାନ 'ବେଟୀ ବଚାଓ-ବେଟୀ ପଢ଼ାଓ'ର ଶୁଭାରମ୍ଭ କରିଥିଲେ । ହରିୟାଣାର ପାନିପତଠାରେ ଏହାର ଶୁଭାରମ୍ଭ କରିବା ଅବସରରେ ଶ୍ରୀ ମୋଦୀ କନ୍ୟାସନ୍ତାନଙ୍କ ସୁରକ୍ଷା ଦିଗରେ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଥିଲେ ।

**V/O (PM)**

ଏହି ଅଭିଯାନ ମହିଳାଙ୍କୁ ଅଧିକ ସଶକ୍ତ କରିବା ସହ ଲିଙ୍ଗ ଅସମାନତା କ୍ଷେତ୍ରରେ ସୁଫଳ ମିଳିଛି । ଦେଶବ୍ୟାପୀ ଏହି ଅଭିଯାନ ଏକ ଜନ ଆନ୍ଦୋଳନରେ ପରିଣତ ହୋଇଛି ।

# ଏସ୍‌ସି-ମୁସଲିମ କନଭରସନ

ଧର୍ମାନ୍ତରୀକରଣ କ୍ଷେତ୍ରରେ ପଛୁଆବର୍ଗ ସଂରକ୍ଷଣ ଦାବି ଗ୍ରହଣୀୟ ନୁହେଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି । ମାଡ୍ରାସ ହାଇକୋର୍ଟଙ୍କ ଏ ସଂକ୍ରାନ୍ତ ରାୟ ବିରୁଦ୍ଧରେ ତାମିଲନାଡୁ ସରକାରଙ୍କ ପକ୍ଷରୁ ଆଗତ ଆବେଦନକୁ ବିଚାରପତି ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ର, ଜଷ୍ଟିସ ଚନ୍ଦ୍ରଶେଖରଙ୍କ ଖଣ୍ଡପୀଠ ଖାରଜ କରିଦେଇଛନ୍ତି । ଧର୍ମାନ୍ତରୀକରଣ ପରେ ପୂର୍ବରୁ ଥିବା ସାମାଜିକ ପଛୁଆ ବର୍ଗର ସୁବିଧା ମିଳିପାରିବ ନାହିଁ ବୋଲି ଖଣ୍ଡପୀଠ ସ୍ପଷ୍ଟ କରିଛନ୍ତି । ଖଣ୍ଡପୀଠ କହିଛନ୍ତି ସମ୍ବିଧାନର ଧାରା ୧୬/୪ ଅନୁଯାୟୀ ସାମ୍ବିଧାନିକ

ସୁବିଧା ଜଣେ ବ୍ୟକ୍ତିଙ୍କ ପୂର୍ବ ଧର୍ମାନ୍ତରୀକରଣ ସ୍ଥିତି ଆଧାରରେ ବଳବତ୍ତର ରହିପାରିବ ନାହିଁ । ହିନ୍ଦୁ, ଶିଖ୍ କିମ୍ବା ବୌଦ୍ଧ ଧର୍ମ ବ୍ୟତୀତ ଅନ୍ୟ କୌଣସି ଧର୍ମ ଗ୍ରହଣ କରୁଥିବା ବ୍ୟକ୍ତିବିଶେଷ ଅନୁସୂଚିତ ଜାତିର ମାନ୍ୟତା ପାଇପାରିବେ ନାହିଁ ବୋଲି କୋର୍ଟ କହିଛନ୍ତି । ଖଣ୍ଡପୀଠ କହିଛନ୍ତି ଘରୋଇ ଧାର୍ମିକ ସଂସ୍ଥା ବୈଧାନିକ ଅଧିକାର ସମ୍ପର୍କରେ ନିଷ୍ପତ୍ତି ନେଇପାରିବେ ନାହିଁ । ହିନ୍ଦୁଧର୍ମକୁ ପୁନଃ ପ୍ରତ୍ୟାବର୍ତ୍ତନ କ୍ଷେତ୍ରରେ ସ୍ୱାଧୀନ ତଥା ତଥ୍ୟଭିତ୍ତିକ ଯାଞ୍ଚ ଉପରେ କୋର୍ଟ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

ସୂଚନାଯୋଗ୍ୟ ଏ ନେଇ ୨୦୧୪ ମାର୍ଚ୍ଚ ମାସରେ ତାମିଲନାଡୁ ସରକାରଙ୍କ ଦ୍ୱାରା ଜାରି ଆଦେଶନାମା ପରିପ୍ରେକ୍ଷୀରେ ମାଡ୍ରାସ ହାଇକୋର୍ଟରେ ଆବେଦନ ଆଗତ ହୋଇଥିଲା । ଏହାକୁ ହାଇକୋର୍ଟ ରଦ୍ଦ କରିଦେଇଥିଲେ । ଏହା ବିରୁଦ୍ଧରେ ତାମିଲନାଡୁ ସରକାର ସୁପ୍ରିମକୋର୍ଟରେ ଆବେଦନ ଦାଖଲ କରିଥିଲେ ।

## ଇଣ୍ଡିଆ-କାନାଡା ଟକ୍ସ

ଭାରତ ଓ କାନାଡା ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ଆଲୋଚନା ତ୍ୱରାନ୍ୱିତ ହୋଇଛି ବୋଲି କାନାଡ଼ାର ଅନ୍ତର୍ଜାତୀୟ ବାଣିଜ୍ୟ ମନ୍ତ୍ରୀ ମନିନ୍ଦର ସିଦ୍ଧୁ କହିଛନ୍ତି । ଚଳିତବର୍ଷ ଦୁଇଦେଶ ମଧ୍ୟରେ ବ୍ୟାପକ ଆର୍ଥିକ ସହଭାଗିତା ଚୁକ୍ତି ଉପରେ ଆଲୋଚନା ଶେଷ ହେବା ନେଇ ସେ ଆଶାବ୍ୟକ୍ତ କରିଛନ୍ତି । ମୁମ୍ବାଇରେ ଗତକାଲି ପହଞ୍ଚିବା ପରେ ଶ୍ରୀ ସିଦ୍ଧୁ କହିଛନ୍ତି ଏହି ଚୁକ୍ତିନାମା କାର୍ଯ୍ୟକାରୀ ହେବା ପରେ ଦ୍ୱିପାକ୍ଷିକ ସମ୍ପର୍କ ତଥା ଆର୍ଥିକ

ସହଭାଗିତା ଅଧିକ ସଶକ୍ତ ହୋଇପାରିବ । ସେ କହିଛନ୍ତି ଆସନ୍ତା ୨୦୩୦ ସୁଦ୍ଧା ଚୁକ୍ତିନାମା ଆଧାରରେ ଦ୍ୱିପାକ୍ଷିକ ବାଣିଜ୍ୟ କାରବାରକୁ ୭୦ ବିଲିୟନ ଡଲାରକୁ ବୃଦ୍ଧି କରିବାକୁ ଲକ୍ଷ୍ୟ ରଖାଯାଇଛି ।ଏବେ ଏହା ୩୦ ବିଲିୟନ ଆମେରିକୀୟ ଡଲାରରେ ସୀମିତ ରହିଛି । ବାଣିଜ୍ୟ ଶିଳ୍ପମନ୍ତ୍ରୀ ପୀୟୁଷ ଗୋଏଲ କହିଛନ୍ତି ଦୁଇଦେଶ ମଧ୍ୟରେ ପାରସ୍ପରିକ ଅଙ୍ଗୀକାରବଦ୍ଧତା ସମ୍ପନ୍ନ ନୂତନ ମାର୍ଗ ଉନ୍ମୋଚିତ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଗୋଏଲ ଏ ସମ୍ପର୍କରେ ସୂଚନା ଦେଇ କହିଛନ୍ତି ଦ୍ୱିପାକ୍ଷିକ ବାଣିଜ୍ୟ ନିବେଶ କ୍ଷେତ୍ରକୁ ଅଧିକ ବ୍ୟାପକ କରିବା ନେଇ ଉଭୟଙ୍କ ମଧ୍ୟରେ ଆଲୋଚନା ହୋଇଛି । ସୂଚନାଯୋଗ୍ୟ କାନାଡାର ବାଣିଜ୍ୟ ମନ୍ତ୍ରୀ ଶ୍ରୀ ସିଦ୍ଧୁଙ୍କ ନେତୃତ୍ୱରେ ଏକ ୩୦୦ ସଦସ୍ୟ ବିଶିଷ୍ଟ ବାଣିଜ୍ୟ ପ୍ରତିନିଧି ମଣ୍ଡଳୀ ଭାରତ ଗସ୍ତରେ ଆସିଛନ୍ତି ।